
ନିତିଦିନ
NITIDIN
BHUBANESWAR - 19 Dec 2024 - Page 1

# ବୈଷ୍ଣବଚରଣ ସାମଲ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଭୁବନେଶ୍ୱର,୧୮।୧୨/ଏନ୍‌ଏନ୍‌ଏସ୍:**




ଚଳିତ ବର୍ଷ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଛି। 'ଭୁତି ଭକ୍ତି ବିଭୁତି' ପ୍ରବନ୍ଧ ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ବୈଷ୍ଣବ ଚରଣ ସାମଲ ୧୯୩୯ ମସିହା ଫେବୃଆରୀ ୨୭ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରଥମ କବିତା ଥିଲା 'ନେତା କିଏ'। ୧୯୬୪-୬୫ ମସିହାରୁ ସେ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ଲିଖିତ ପ୍ରଥମ ପ୍ରବନ୍ଧ ଥିଲା 'ମନ୍ତ୍ରୁତୀର୍ଥି'। ତାଙ୍କ ଲେଖା ସେ ସମୟର ବହୁ ପତ୍ରିକାରେ ପ୍ରକାଶ ପାଉଥିଲା। ସେହି ସବୁ ପ୍ରବନ୍ଧ ମଧ୍ୟରୁ କୋଡ଼ିଏଟି ପ୍ରବନ୍ଧକୁ ସଂକଳିତ କରି, ୧୯୭୧ ମସିହାରେ ଜଗନ୍ନାଥ ରଥ ପ୍ରକାଶନ ସଂସ୍ଥା ତାଙ୍କର ପ୍ରଥମ ପୁସ୍ତକ ପ୍ରକାଶ କରିଥିଲେ। ପୁସ୍ତକଟିର ନାମ ଥିଲା 'କଳା ସଂସ୍କୃତି ଓ ସାହିତ୍ୟ'। ସେହି ବର୍ଷ ତାଙ୍କର ପ୍ରଥମ କବିତା ପୁସ୍ତକ 'ସମୟରେ ଲିପି' ମଧ୍ୟ ପ୍ରକାଶ ପାଇଥିଲା। ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ବୈଷ୍ଣବ ଚରଣ, ୧୯୬୬ରେ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି ୨୦୦୪ରେ 'ବିଶ୍ୱଭାରତୀ' କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବରେ ସେବା ନିବୃତ୍ତ ହୋଇଛନ୍ତି।

ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାହିତ୍ୟିକ ଶ୍ରୀ ସାମଲ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୨ ମସିହାରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ୨୦୧୭ ମସିହାରେ ବିଷୁବ ପୁରସ୍କାର, ୨୦୧୪ ମସିହାରେ ସାରଳା ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ଏହାବାଦ ତାଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ଓ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ସମ୍ମାନ ମଧ୍ୟ ପ୍ରଦାନ କରାଯାଇଛି। ପୁରସ୍କାର ସମ୍ପର୍କରେ ଘୋଷଣା ହେବା ପରେ ଶ୍ରୀ ସାମଲ କହିଛନ୍ତି ଯେ ଏହି ଦେଶର ଐତିହ୍ୟ, ସଂସ୍କୃତି, ପରମ୍ପରା, ବେଦ ବେଦାନ୍ତ ଭିତରେ ଅନେକ କିଛି ଭର୍ତ୍ତି ହୋଇଛି। ମୁଁ ତାହାରି ଉପରେ ଗୁରୁତ୍ୱ ଦେଇ ଲେଖିଛି। ଏହାରି ଉପରେ ଲେଖାଯାଇଛି 'ଭୁତି ଭକ୍ତି ବିଭୁତି' ପ୍ରବନ୍ଧ। ଦର୍ଶନ ତତ୍ତ୍ୱକୁ ଛାଡ଼ି ମଣିଷତ୍ୱ ପାଇଁ ଗୀତା ଓ ଭାଗବତରେ କ'ଣ କୁହାଯାଇଛି, ମଣିଷ କ'ଣ, ଜଗନ୍ନାଥ କ'ଣ, ରୂପ ଭିତରେ ଥିବା ଜଗନ୍ନାଥ କ'ଣ, ତାକୁ ମୁଁ ମୋ ଜୀବନ ସାରା ଖୋଜିଛି। ଏବେ ମଧ୍ୟ ଖୋଜୁଛି। ସେହି ବହିରେ ଏମିତି କିଛି କଥା ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି।